1960
ମେସର୍ସ ୟୁ. ପି. ଇଲେକ୍ଟ୍ରିକ୍ ସପ୍ଲାଇ କମ୍ପାନୀ, ଲିମିଟେଡ଼
ବନାମ
ମେସର୍ସ ଏସ୍. ଏନ୍. ଚୌଧୁରୀଙ୍କ କର୍ମଚାରୀବୃନ୍ଦ
ନ୍ୟାୟାଧୀଶ ୱାଞ୍ଚୁ

ନିର୍ଣ୍ଣିତ ହେଲା କି ଯେ ଏହି ଶ୍ରମିକମାନେ କମ୍ପାନୀର ଶ୍ରମିକ ନା ଠିକାଦାରଙ୍କ ଶ୍ରମିକ ,ଏପରି ଏକ ପ୍ରସଙ୍ଗ ଉପରେ ରାୟ ଦେବା ନ୍ୟାୟାଧିକରଣଙ୍କ ଅଧିକାରିତା କ୍ଷେତ୍ର ହୋଇପାରିବ ନାହିଁ, କାରଣ, ଏହି ପ୍ରଶ୍ନଟି ନ୍ୟାୟାଧିକରଣଙ୍କ ନିକଟକୁ ପଠାଯାଇ ନଥିଲା।

ନାଗରିକ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 481/1958 ।

ଆର୍ ଇ ଏଫ୍ ସଂଖ୍ୟା 98/ 1956ରେ, ରାଜ୍ୟ ଶିଳ୍ପ ନ୍ୟାୟାଧିକରଣ, ୟୁ. ପି, ଆହ୍ଲାବାଦଙ୍କର 29, ଜୁନ୍, 1957 ର ଅଧିନିର୍ଣ୍ଣୟରୁ ବିଶେଷ ଅନୁମତି ଆବେଦନ ଦ୍ୱାରା ଏହି ଆବେଦନ ।

*ଏମ୍. ସି. ସେତଲୱାଡ, ଭାରତର ଆଟର୍ଣ୍ଣି ଜେନେରାଲ, ଏସ୍. ଏନ୍.ଆଣ୍ଡଲି, ଜେ. ବି. ଦାଦାଚାଞ୍ଜି, ରାମେଶ୍ୱର ନାଥ ଏବଂ ପି. ଏଲ. ଭୋରା: ଆବେଦନକାରୀଙ୍କ ପାଇଁ ।*

*ଏ. ଡି. ମାଥୁର*, ପ୍ରଥମ ଉତ୍ତରଦାତାଙ୍କ ପାଇଁ ।

*ଜି. ସି. ମାଥୁର ଏବଂ ସି. ପି. ଲାଲ*, ଦ୍ୱିତୀୟ ଉତ୍ତରଦାତାଙ୍କ ପାଇଁ ।

*ଜି. ଏନ୍. ଦୀକ୍ଷିତ ଏବଂ ସି. ପି. ଲାଲ୍* ମଧ୍ୟକ୍ଷପକରିଙ୍କ ପାଇଁ ।

ନ୍ୟାୟାଳୟଙ୍କଦ୍ୱାରା 8, ମାର୍ଚ୍ଚ, 1960 ରେ ରାୟ ପ୍ରଦାନ କରାଯାଇଥିଲା ।

ନ୍ୟାୟାଧୀଶ ୱାଞ୍ଚୁ

ନ୍ୟାୟାଧୀଶ ୱାଞ୍ଚୁ - ଏହା ହେଉଛି ଆହ୍ଲାବାଦ, ଶିଳ୍ପ ନ୍ୟାୟାଧିକରଣଙ୍କର ଆଦେଶ ବିରୁଦ୍ଧରେ ବିଶେଷ ଅନୁମତି ଦ୍ୱାରା ଏକ ଆବେଦନ । ଆବେଦନକାରୀ ହେଉଛନ୍ତି ୟୁ. ପି. ବୈଦ୍ୟୁତିକ ଯୋଗାଣ କମ୍ପାନୀ ଲିମିଟେଡ୍, ଲକ୍ଷ୍ନୌ, (ଏହା ପରେ କମ୍ପାନୀ କୁହାଯାଇଛି) । ଏହା ପ୍ରତୀୟମାନ ଯେ କମ୍ପାନୀଟି, ମେସର୍ସ ଏସ୍. ଏମ୍. ଚୌଧୁରୀ (ଏହା ପରେ ଠିକାଦାର ଭାବରେ ଜଣାଇ ଦିଆଯାଇଛି)ଙ୍କୁ ଏହାର ଠିକାଦାର ଭାବରେ ନିଯୁକ୍ତ କରୁଥିଲେ | ଠିକାଦାରମାନେ ସେମାନଙ୍କ ଦ୍ୱାରା କାର୍ଯ୍ୟକୁ ସମ୍ପାଦନ କରିବା ପାଇଁ ଅନେକ ଲୋକଙ୍କୁ ନିଯୁକ୍ତି ଦେଉଥିଲେ । ଠିକାଦାର ଏବଂ ସେମାନଙ୍କ ଶ୍ରମିକମାନଙ୍କ ମଧ୍ୟରେ 1956 ମସିହାରେ ଏକ ବିବାଦ ସୃଷ୍ଟି ହୋଇଥିଲା ଏବଂ ଶ୍ରମିକମାନଙ୍କ ଦ୍ୱାରା 1956 ମସିହା ଜୁନ୍ 6 ତାରିଖରେ ମିଳାମିଶା ମଣ୍ଡଳୀଙ୍କ ସମ୍ମୁଖରେ ଏକ ଆବେଦନ କରାଯାଇଥିଲା । ଏହି ଆବେଦନରେ ଉଭୟ କମ୍ପାନୀ ଏବଂ ଠିକାଦାର ପକ୍ଷ ଥିଲେ ଏବଂ ଶ୍ରମିକମାନଙ୍କ ଦ୍ୱାରା ଚାରୋଟି ବିଷୟ, ଅପୋଷ ମିଳାମିଶା ମଣ୍ଡଳୀଙ୍କ ପାଖକୁ ପଠାଯାଇଥିଲା, ଯଥା: (i) 1953-54 ଏବଂ 1954-55 ବର୍ଷ ପାଇଁ ବୋନସ ମଞ୍ଜୁର ନ କରିବା ; (ii) ଉତ୍ସବ ଛୁଟି ମଞ୍ଜୁର ନ କରିବା; (iii) କମ୍ପାନୀ ଦ୍ୱାରା ନିଯୁକ୍ତ ଶ୍ରମିକଙ୍କ ସହ ସମାନ ଭାବରେ ଏହି ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରୀ ସ୍ଥିର ନ କରିବା; ଏବଂ (iv) ଚୁକ୍ତି ବ୍ୟବସ୍ଥାର ଉଚ୍ଛେଦ ନ କରିବା । ଅପୋଷ ସମାଧାନର ପ୍ରୟାସ ବିଫଳ

ହୋଇଥିଲା ଏବଂ ଏହା ପରେ ଉତ୍ତର ପ୍ରଦେଶ ସରକାର ୟୁ. ପି. ଶିଳ୍ପ ନ୍ୟାୟାଧିକରଣଙ୍କୁ, ଶିଳ୍ପ ବିବାଦ ଅଧିନିୟମ XXVIII V / 1947 , (ଏହା ପରେ ଏହାକୁ ଅଧିନିୟମ କୁହାଯାଇଛି) ଆଧାରରେ ଆବେଦନ କରିଥିଲେ । ଏହି ବିଚାରର୍ଥେ ପ୍ରସଙ୍ଗରେରେ ମିଳାମିଶା ମଣ୍ଡଳୀ ସମ୍ମୁଖରେ ଥିବା ଚାରିଟି ବିଷୟ ମଧ୍ୟରୁ କେବଳ ତିନୋଟି ବିଷୟ ଉଲ୍ଲେଖ କରାଯାଇଥିଲା, ଯଥା, ବୋନସ, ପର୍ବ ଛୁଟି ଏବଂ କମ୍ପାନୀର ଶ୍ରମିକଙ୍କ ସହ ସମାନ ଭାବରେ ଏହି ଶ୍ରମିକମାନଙ୍କୁ ମଜୁରୀ ପ୍ରଦାନ । ଅପୋଷ ମିଳାମିଶା ମଣ୍ଡଳୀଙ୍କ ସମ୍ମୁଖରେ ଉଠାଯାଇଥିବା ଚତୁର୍ଥ ପ୍ରସଙ୍ଗ ଯଥା, (ଚୁକ୍ତି ବ୍ୟବସ୍ଥାର ଉଚ୍ଛେଦ ନ କରିବା) କୁ ଉଲ୍ଲେଖ କରାଯାଇ ନଥିଲା । ଏହି ମାମଲାରେ ଦୁଇଟି ପକ୍ଷ ଥିଲେ, ଯଥା-(i) ଠିକାଦାର ଏବଂ (ii) ସେମାନଙ୍କର ଶ୍ରମିକ । ଆବେଦନକାରୀ ଏହି ସନ୍ଦର୍ଭରେ ଏକ ପକ୍ଷ ନଥିଲେ । 13, ଅଗଷ୍ଟ,1956 ରେ, 1956 ମସିହା ଜୁଲାଇ 31 ତାରିଖର ଅଧିସୂଚନାକୁ ସୂଚିତ କରି ୟୁ. ପି. ସରକାର୍ ,ଅଧିନିୟମ .3, 5, 8 ଅଧୀନରେ, କମ୍ପାନୀକୁ ବିବାଦରେ ପକ୍ଷଭୁକ୍ତ କରିଥିଲେ । ତେବେ, ଏହା ଉଲ୍ଲେଖନୀୟ ଯେ 1956 ମସିହା ଜୁଲାଇ 31 ତାରିଖରେ ସୂଚିତ ବିବାଦିତ ବିଷୟଗୁଡ଼ିକୁ ସଂଶୋଧନ କରାଯାଇ ନଥିଲା, କାରଣ ସେଗୁଡ଼ିକ ଅଧିନିୟମ ବ୍ୟବସ୍ଥା ମଧ୍ୟରେ ରହି ଅପୋଷ ମିଳାମିଶା ମଣ୍ଡଳୀ ସମ୍ମୁଖରେ ବିବାଦର ଚତୁର୍ଥ ପ୍ରସଙ୍ଗ, ଅର୍ଥାତ୍ ଚୁକ୍ତି ବ୍ୟବସ୍ଥାର ଉଚ୍ଛେଦ ନକରିବା ଅଧିନିୟମ 4ର ପ୍ରାବଧାନ ଅଧୀନରେ ରହିଥାଇପାରେ । ଯେତେବେଳେ ଏହି ମାମଲାଟି ଶିଳ୍ପ ଅଦାଲତଙ୍କ ନିକଟରେ ପହଞ୍ଚିଲା, ଏହା ଅନେକ ପ୍ରସଙ୍ଗ ପ୍ରସ୍ତୁତ କରିଥିଲେ ; ପ୍ରଥମ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଟି ଥିଲା କି ଯେ ସମ୍ପୃକ୍ତ ଶ୍ରମିକମାନେ " ୟୁ. ପି. ଇଲେକ୍ଟ୍ରିକ୍ ସପ୍ଲାଏ କୋ. ଲିମିଟେଡ଼ ଲକ୍ଷ୍ନୌର କର୍ମଚାରୀ, ନା ଠିକାଦାର ଏସ୍. ଏମ୍. ଚୌଧୁରୀଙ୍କର କର୍ମଚାରୀ ? "।

କମ୍ପାନୀର ମୁଖ୍ୟ ଆପତ୍ତି ଏହା ଥିଲା କି ଯେ ଯଦି ବିବାଦ କିଛି ଥାଏ, ତେବେ ତାହା ଠିକାଦାର ଏବଂ ସେମାନଙ୍କ କର୍ମଚାରୀମାନଙ୍କ ମଧ୍ୟରେ ଥିଲା ଏବଂ କମ୍ପାନୀ ଓ ଏହାର ଶ୍ରମିକମାନଙ୍କ ମଧ୍ୟରେ କୌଣସି ବିବାଦ ନଥିଲା । ଏହା ମଧ୍ୟ ଆପତ୍ତି କରାଯାଇଥିଲା ଯେ ସରକାରଙ୍କ କୌଣସି ବୈଧ କିମ୍ବା ଆଇନଗତ ଆଦେଶ, ନ୍ୟାୟାଧିକରଣଙ୍କୁ ସୂଚିତ କରାଯାଇନଥିଲା, ଯେଉଁଥିରେ କମ୍ପାନୀ ଏବଂ ଏହାର ଶ୍ରମିକମାନଙ୍କ ମଧ୍ୟରେ କୌଣସି ବିବାଦ ବିଷୟରେ ଉଲ୍ଲେଖ କରାଯାଇଥିଲା, ତେଣୁ ନ୍ୟାୟାଧିକରଣଙ୍କର କୌଣସି ଅଧିକାରିତା ନଥିଲା । ଗୁଣବତ୍ତା ଆଧାରରେ ଏହା ଅନୁରୋଧ କରାଯାଇଥିଲା ଯେ ସମ୍ପୃକ୍ତ ଶ୍ରମିକମାନେ କମ୍ପାନୀର ଶ୍ରମିକ ନୁହଁନ୍ତି ଏବଂ କମ୍ପାନୀ ଓ ଏହି ଶ୍ରମିକମାନଙ୍କ ମଧ୍ୟରେ କୌଣସି ସମ୍ପର୍କ ନଥିଲା, ତେଣୁ କମ୍ପାନୀକୁ ଠିକାଦାର ଏବଂ ଏହାର ଶ୍ରମିକ ମାନଙ୍କ ମଧ୍ୟରେ ଚାଲିଥିବା ବିବାଦରେ ପକ୍ଷ ଭାବରେ ବିବେଚନା କରାଯାଇପାରିବ ନାହିଁ ।

ତେଣୁ ଏହା ସ୍ପଷ୍ଟ ଯେ ନ୍ୟାୟାଧିକରଣଙ୍କ ଦ୍ୱାରା ବିଚାର କରାଯାଇଥିବା ମୁଖ୍ୟ ପ୍ରଶ୍ନଟି ଥିଲା ଯେ, ସମ୍ପୃକ୍ତ ଶ୍ରମିକମାନେ କମ୍ପାନୀର କର୍ମଚାରୀ ନା ଠିକାଦାରଙ୍କ କର୍ମଚାରୀ ଥିଲେ ।

ନ୍ୟାୟାଧିକରଣଙ୍କ କହିବ ଅନୁଯାଇ, ସମ୍ପୂର୍ଣ୍ଣ ବିଷୟର ସାରମର୍ମ ଏହା ଥିଲା କି ଯେ "ସମ୍ପୃକ୍ତ ଶ୍ରମିକମାନେ କମ୍ପାନୀର କର୍ମଚାରୀ ଥିଲେ କି" । ନ୍ୟାୟାଧିକରଣ ଏହି ସନ୍ଦର୍ଭରେ ସ୍ୱଷ୍ଟତା ଦର୍ଶାଇବାକୁ ଯାଇ ଏହି ଉପସଂହାର ପହଞ୍ଚିଲେ ଯେ, ଏହି ଶ୍ରମିକମାନେ ବାସ୍ତବରେ କମ୍ପାନୀର କର୍ମଚାରୀ ଥିଲେ ।

ଆମ ସମ୍ମୁଖରେ କମ୍ପାନୀ ତରଫରୁ ମୁଖ୍ୟ ଯୁକ୍ତି ହେଉଛି ଯେ ଯଦିଓ ସରକାରଙ୍କର, 14, ଜୁଲାଇ, 1954ର ଧାରା 5, ସରକାରୀ ଆଦେଶ ସଂଖ୍ୟା 12 । ୟୁ- 464 (ଏଲ ଏଲ) XXXVI-B-257 (LL)/1954, ଆଧାରରେ କମ୍ପାନୀକୁ ଏକ ପକ୍ଷ ଭାବରେ ଅନ୍ତର୍ଭୁକ୍ତ କରିବା ପାଇଁ କ୍ଷମତା ଥିଲା, ମାତ୍ର ନ୍ୟାୟାଧିକରଣଙ୍କ ଦ୍ୱାରା ନିଆଯାଇଥିବା ଆଦେଶର ମୁଖ୍ୟ ପ୍ରସଙ୍ଗଟିକୁ ଏହା ନିକଟକୁ ପଠାଯାଇ ନଥିଲା ଏବଂ ନ୍ୟାୟାଧିକରଣ କେବଳ 31,ଜୁଲାଇ,1956 ର ଆଦେଶ ଅନୁସାରେ ବିବାଦରେ ଅନ୍ତର୍ଭୁକ୍ତ ଥିବା ତିନୋଟି ବିଷୟରେ ନିର୍ଣ୍ଣୟ ନେଇପାରିବେ | ଯେହେତୁ, ନ୍ୟାୟାଧିକରଣ, ତାଙ୍କୁ ସୂଚିତ ହୋଇଥିବା ବିବାଦରେ ନିର୍ଦ୍ଦିଷ୍ଟ ହୋଇଥିବା ତିନୋଟି ପ୍ରସଙ୍ଗକୁ ଅତିକ୍ରମ କରିବାକୁ ଯାଇ, ସମ୍ପୃକ୍ତ ଶ୍ରମିକମାନେ କମ୍ପାନୀରେ ନା ଠିକାଦାରଙ୍କ ନିଯୁକ୍ତିରେ ଥିଲେ, ପ୍ରଶ୍ନର ନିଷ୍ପତ୍ତି ନେଇଥିଲେ, ତେଣୁ ନ୍ୟାୟାଧିକରଣ ନିଜର ଅଧିକାର କ୍ଷେତ୍ରକୁ ଉଲଂଘନ କରିଥିଲେ ।

ଆମର ମତ ହେଉଛି ଯେ ଏହି ଯୁକ୍ତିଟି ନିଶ୍ଚିତ ଭାବରେ ପ୍ରଭାବଶାଳୀ ଅଟେ | ଯେପରି ଆମେ ପୂର୍ବରୁ ସୂଚାଇ ଦେଇଛୁ ଯେ, ଅପୋଷ ମିଳାମିଶା ମଣ୍ଡଳୀଙ୍କ ସମ୍ମୁଖରେ ଚାରୋଟି ପ୍ରସଙ୍ଗ ଥିଲା, ଯେଉଁଥିରେ ଚୁକ୍ତି ବ୍ୟବସ୍ଥାର ଉଚ୍ଛେଦ ନ ହେବାର ପ୍ରଶ୍ନ ମଧ୍ୟ ଥିଲା । ଅପୋଷ ବୁଝାମଣା ସମିତିଙ୍କ ନିକଟରେ, କେବଳ ଠିକାଦାର ନୁହଁନ୍ତି ବରଂ କମ୍ପାନୀ ମଧ୍ୟ ଏକ ପକ୍ଷ ଥିଲେ , କାରଣ ଚୁକ୍ତି ବ୍ୟବସ୍ଥାର ଅବସାନ ନହେବାର ପ୍ରଶ୍ନଟି ସ୍ୱଷ୍ଟ ଭାବରେ କମ୍ପାନୀର ଉପସ୍ଥିତିକୁ, ବିଚାର ପ୍ରକ୍ରିୟାରେ ଆବଶ୍ୟକ କରେ । ତେବେ ଜୁଲାଇ 31 ତାରିଖରେ ଯେତେବେଳେ ସରକାର ଏହି ବିବାଦକୁ ନ୍ୟାୟାଧିକରଣଙ୍କ ନିକଟକୁ ପଠାଇଥିଲେ, ସେତେବେଳେ ଏଥିରେ ଚୁକ୍ତି ବ୍ୟବସ୍ଥାର ଉଚ୍ଛେଦ ସମ୍ବନ୍ଧୀୟ ଚତୁର୍ଥ ପ୍ରସଙ୍ଗକୁ ସାମିଲ କରାଯାଇ ନଥିଲା, ଯାହାକି ବିବାଦ ଥିବା ବିଷୟଗୁଡ଼ିକ ମଧ୍ୟରୁ ଏକ ଥିଲା । ଏହା ମଧ୍ୟ କମ୍ପାନୀକୁ ବିବାଦର ଏକ ପକ୍ଷ ଭାବରେ ଅନ୍ତର୍ଭୁକ୍ତ କରିନଥିଲା, କାରଣ ସୂଚିତ ଆଦେଶଟି, ବିବାଦର କେବଳ ଦୁଇଟି ପକ୍ଷକୁ ସୂଚିତ କରିଥିଲା ଯଥା: ଠିକାଦାର ଏବଂ ସେମାନଙ୍କର ଶ୍ରମିକ | ଶ୍ରମିକମାନେ କମ୍ପାନୀର କର୍ମଚାରୀ ନା ଠିକାଦାରଙ୍କ କର୍ମଚାରୀ ଥିଲେ, ଏହି ପ୍ରଶ୍ନର ବିଚାରର୍ଥେ ପ୍ରେରଣ ପ୍ରସଙ୍ଗରେ ନିର୍ଣ୍ଣୟ କରିବାରେ ନ୍ୟାୟାଧିକରଣଙ୍କର କୌଣସି ଅଧିକାରିତା କ୍ଷେତ୍ର ନାହିଁ, କାରଣ ଏପରି ଏକ ପ୍ରଶ୍ନ ନ୍ୟାୟାଧିକରଣଙ୍କୁ ସୂଚିତ କରାଯାଇନଥିଲା । ଏହା ସତ୍ୟ ଯେ, ଜୁଲାଇ 31 ତାରିଖର ଅଧିସୂଚନା ଆଧାରରେ କମ୍ପାନୀକୁ, 1956 ମସିହା ଅଗଷ୍ଟ 13 ତାରିଖରେ ବିବାଦରେ ପକ୍ଷଭୁକ୍ତ କରାଯାଇଥିଲା; କିନ୍ତୁ ବିବାଦରେ ଥିବା ବିଷୟଗୁଡ଼ିକ ଅସଂଶୋଧିତ ଭାବେ ରହିଥିଲା, ଏବଂ ଚୁକ୍ତି ବ୍ୟବସ୍ଥାର ଉଚ୍ଛେଦ ନ କରିବା ପ୍ରଶ୍ନ କିମ୍ବା ଏହି ଶ୍ରମିକମାନେ ପ୍ରକୃତରେ କମ୍ପାନୀର କର୍ମଚାରୀ ଥିଲେ କି ପ୍ରଶ୍ନ ବିବାଦ ଅଧିନୀୟମର ଧାରା 4 ଅନୁସାରେ ଥିବା ସଂଶୋଧନ

1960
ମେସର୍ସ ୟୁ. ପି. ଇଲେକ୍ଟ୍ରିକ୍ ସପ୍ଲାଇ କମ୍ପାନୀ, ଲିମିଟେଡ଼
ବନାମ
ମେସର୍ସ ଏସ୍. ଏନ୍. ଚୌଧୁରୀଙ୍କ କର୍ମଚାରୀବୃନ୍ଦ
ନ୍ୟାୟାଧୀଶ ୱାଞ୍ଚୁ

ପ୍ରାବଧାନ ମଧ୍ୟରେ ସାମିଲ କରାଯାଇନଥିଲା । ଏଭଳି ପରିସ୍ଥିତିରେ, 1956 ମସିହା ଅଗଷ୍ଟ 13 ତାରିଖରେ କମ୍ପାନୀକୁ ପକ୍ଷଭୁକ୍ତ କରିବା ଆଇନସମ୍ମତ ଏବଂ ବୈଧ ଥିଲା କି ନାହିଁ ତାହା ବିଚାର କରିବା ଅପ୍ରାସଙ୍ଗିକ ଅଟେ । ଏହା ଆଇନଗତ ଏବଂ ବୈଧ ବୋଲି ବିଚାର କଲେ , ବାସ୍ତବତା ହେଉଛି ଯେ ଆମ ଦ୍ୱାରା ଉଠାଯାଇଥିବା ପ୍ରସଙ୍ଗ ସଂଖ୍ୟା 1, ଯାହା ନିଃସନ୍ଦେହରେ ଏହି ମାମଲାରେ ପ୍ରଶ୍ନର ସାରମର୍ମ ଅଟେ, ପ୍ରସଙ୍ଗଟିକୁ ନ୍ୟାୟାଧିକରଣଙ୍କୁ ଆଦୌ ପଠାଯାଇ ନଥିଲା ଏବଂ ଏହା 1956 ମସିହା ଜୁଲାଇ 31 ତାରିଖର ବିଚାରର୍ଥେ ପ୍ରେରଣ ଆଦେଶରେ ନିର୍ଦ୍ଦିଷ୍ଟ ହୋଇଥିବା ବିବାଦର ତିନୋଟି ପ୍ରସଙ୍ଗରୁ ଉତ୍ପନ୍ନ ହୋଇନଥିଲା । ଏହି ପରିସ୍ଥିତିରେ ନ୍ୟାୟାଧିକରଣଙ୍କ ଆଦେଶ, ଯାହା ସୁଚାଇ ଥିଲାକି ଯେ ଏହି ଶ୍ରମିକମାନେ କମ୍ପାନୀର ଶ୍ରମିକ ଥିଲେ, ରାୟଟି ନ୍ୟାୟାଧିକରଣଙ୍କ ଅଧିକାରିତା କ୍ଷେତ୍ର ବାହାରେ ଥିଲା । ନ୍ୟାୟାଧିକରଣଙ୍କ ସମ୍ପୂର୍ଣ୍ଣ ଆଦେଶ କମ୍ପାନୀ ବିରୁଦ୍ଧରେ ଉଦ୍ଦିଷ୍ଟ ହୋଇଛି ତେଣୁ ଏହାକୁ ସମ୍ପୂର୍ଣ୍ଣ ଭାବରେ ବିନା ଅଧିକାରିତା କ୍ଷେତ୍ର ଦର୍ଶାଇ ବାତିଲ କରିବାକୁ ହେବ ଏବଂ ଆମେ ଗୁଣବତା ଉପରେ କୌଣସି ମତ ପ୍ରକାଶ କରିବା ଆବଶ୍ୟକତା ମନେକରୁ ନାହୁଁ । ତେଣୁ ଆମେ ଆବେଦନକୁ ଅନୁମତି ଦେଉଛୁ ଏବଂ ଆବେଦନକାରୀଙ୍କ ବିରୋଧରେ ନ୍ୟାୟାଧିକରଣଙ୍କ ଆଦେଶକୁ ବାତିଲ କରୁଅଛୁ ।ଏହି ପରିସ୍ଥିତିରେ ଆମେ ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ଦେଇନାହୁଁ ।

ଆବେଦନକୁ ଅନୁମତି ଦିଆଗଲା ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।